ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev.(OD)/942/26-12-2020

# ଭର୍ଚୁଆଲ୍ ଟୁର୍‌ରେ ରାଜ୍ୟ ଜନଜାତି ସଂଗ୍ରହାଳୟ
# ଓରାଓଁ ଜନଜାତିଙ୍କ ପର୍ବପର୍ବାଣି ଓ ପୋଷାକପରିଚ୍ଛଦ

ଭୁବନେଶ୍ୱର, ତା.୨୬/୧୨/୨୦୨୦

ଓଡ଼ିଶାର ଓରାଓଁ ଜନଜାତି ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥା'ନ୍ତି । ଏହି ଜନଜାତି ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେଓଗଡ଼, କେଉଁଝରରେ ବସବାସ କରିଥା'ନ୍ତି । କୃଷି, କୃଷି କ୍ଷେତ୍ରରେ ଶ୍ରମ, ଖଣି ଓ ପଥର ଖଣିରେ କାମକୁ ଏହି ଜନଜାତି ପେଶା ଭାବେ ଗ୍ରହଣ କରିଥା'ନ୍ତି ।

ରବିବାର ଡିସେମ୍ବର ୨୭ ତାରିଖରେ ଦର୍ଶକମାନେ ଫେସବୁକ୍ ଓ ଟୁଇଟର ପେଜ୍ @stscdev, @scstrti ଖୋଲି ଓରାଓଁ ସଂପର୍କରେ ସମ୍ୟକ ଧାରଣା ପାଇବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

ମାନବଜୀବନର ଗୁରୁତ୍ୱ ଓ ପ୍ରକୃତି ସହିତ ଜନଜାତିମାନେ କିଭଳି ଜଡ଼ିତ ଏବଂ ଏହି ସଂପର୍କକୁ ଓରାଓଁ ଜନଜାତିମାନେ ସାମାଜିକ ବ୍ୟବସ୍ଥାରେ ସଂଯୁକ୍ତ କରିପାରିଛନ୍ତି । ଋତୁ ପରିବର୍ତ୍ତନ ସହିତ ସେମାନେ ବିବିଧ ପର୍ବପର୍ବାଣି ପାଳନ କରିଥା'ନ୍ତି । ନୃତ୍ୟ, ସଂଗୀତ ଓ ଉତ୍ସବ ପାଳନ ପର୍ବପର୍ବାଣିର ମୁଖ୍ୟ ଅଂଶ ଅଟେ । ପ୍ରାଣୀମାନଙ୍କର ସମ୍ମାନାର୍ଥେ ସେମାନେ କ୍ୟାଟେଲ୍ ଫେଷ୍ଟିଭାଲ୍ (ଗୋପର୍ବ) ଆୟୋଜନ କରିଥା'ନ୍ତି । ଓରାଓଁ ଜନଜାତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ସେମାନେ କୃଷିର ଆଧୁନିକ ପ୍ରଣାଳୀକୁ ଅନୁସରଣ କରିଥା'ନ୍ତି ।

ଓରାଓଁ ଜନଜାତିଙ୍କ ପୋଷାକପରିଚ୍ଛଦ ନିଆରା । ସେମାନେ ଧଳା ଓ ନାଲି ରଙ୍ଗର ସୂତାବସ୍ତ୍ର ପରିଧାନ କରିଥା'ନ୍ତି । ପୁରୁଷମାନେ ପରିଧାନ କରୁଥିବା ବସ୍ତ୍ର 'କରେୟା' ଓ ମହିଳାମାନେ 'ଖନ୍‌ରିଆ' ପରିଧାନ କରିଥା'ନ୍ତି । ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ଏହି ବସ୍ତ୍ର ପ୍ରସ୍ତୁତ କରାଯାଇଥାଏ । ପୁରୁଷମାନେ ସମୟେ ସମୟେ ପଗଡ଼ି ବ୍ୟବହାର କରିଥାନ୍ତି ।  ମହିଳାମାନେ ମୂଲ୍ୟବାନ ଧାତୁ ବା ଆଲୟରେ ପ୍ରସ୍ତୁତ ସାଧାରଣ ଅଳଙ୍କାର ବ୍ୟବହାର କରିଥା'ନ୍ତି । ସମାଜର ଅନ୍ୟ ବର୍ଗମାନଙ୍କ ସଂପର୍କରେ ଆସିବା ପରେ ସେମାନେ ପାରମ୍ପରିକ ପୋଷାକ ସହିତ ଆଧୁନିକ ପୋଷାକ ମଧ୍ୟ ବ୍ୟବହାର କରୁଛନ୍ତି । ପର୍ବପର୍ବାଣି ସମୟରେ ଏହି ଓରାଓଁ ଜନଜାତି ପାରମ୍ପରିକ ବସ୍ତ୍ର ପରିଧାନ କରିଥା'ନ୍ତି । ନୃତ୍ୟ ପରିବେଷଣ ସମୟରେ ନକଲି ମୁଦ୍ରା ଆକାରର ମାଳା ଓ ବଳାଗଣ୍ଠି ପାଇଁ ଅଳଙ୍କାର ବ୍ୟବହାର କରିଥା'ନ୍ତି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ